ସ୍ୱାଧୀନ ଅଭିବ୍ୟକ୍ତିର ଶାଣିତ ସ୍ୱର

ନକ୍ଷତ୍ର ଜ୍ୟୋତି

The nakshatra Jyoti

RNI Regd. No. ODIODI/2010/36375 Website - www.nakshatrajyoti.com Postal Regd. No.- BN/229/14-16

naxatra • news

POWER OF TRUTH

୩ ସପ୍ତମ ଦିନରେ ପହଞ୍ଚିଲା ଗଣ ଆନ୍ଦୋଳନ: ୭ ମେଡ଼ିକାଲରେ ଭର୍ତ୍ତି

୯ ସାଳନ୍ଦୀ ନଦୀରେ ଟିଙ୍କିରା-ଶ୍ରୀରାମପୁର ବିଜୁ ସେତୁ ନିର୍ମାଣରେ ବିଳମ୍ବ

୧୨ ବିଦର୍ଭ ଇରାନୀ ଟ୍ରଫି ଚାମ୍ପିଅନ

ଭୁବନେଶ୍ୱର, ସୋମବାର, ୧୯ ମାର୍ଚ୍ଚ, ୨୦୧୮ ଅଷ୍ଟମ ବର୍ଷ, ସଂଖ୍ୟା-୧୭୭ ପୃଷ୍ଠା-୧୨ ମୂଲ୍ୟ-୨ ଟଙ୍କା

Bhubaneswar Vol -8 Issue-177 Monday 19, March 2018 Pages -12 2.00

ଓଡ଼ିଶାର ଇତିହାସ ଓ ସଂସ୍କୃତି ଅନନ୍ୟ

ଆଇଆଇଟି ଛାତ୍ରମାନେ ଦେଶ ଓ ସମାଜ ପାଇଁ ସମର୍ପିତ ହୁଅନ୍ତୁ
ଇଣ୍ଡିଆନ ଅଏଲ କ୍ୟାମ୍ପସ ଉଦ୍‌ଘାଟିତ ଓ ଏସଡିଆଇ ସ୍ଥାୟୀ କ୍ୟାମ୍ପର ଶିଳାନ୍ୟାସ

ପୁରୀ/କଟଣୀ,(ନ.ବ୍ୟୁ): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ସକାଳେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ପୁରୀରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ସଦାଶିବର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ତାଙ୍କ ଅଭିଭାଷଣ ଆରମ୍ଭରେ ପ୍ରଥମେ ଆଜି ଚୈତ୍ର ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ●ପୃଷ୍ଠା-୦୯

ଭାରତ ଚାମ୍ପିଅନ

କଲମ୍ବୋଠାରେ ଅନୁଷ୍ଠିତ ନିଦାହାସ ଟ୍ରଫି ଟି-୨୦ ସିରିଜ୍ ଫାଇନାଲ ରୋମାଞ୍ଚକର ମୁକାବିଲାରେ ଭାରତ ୪ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ଚାମ୍ପିଅନ ହୋଇଛି

ଶ୍ରୀଜୀଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି
ଦକ୍ଷିଣା ନ ପାଇବାରୁ ସେବାୟତଙ୍କ ମଧ୍ୟରେ କ୍ଷୋଭ

ପୁରୀ,(ନ.ବ୍ୟୁ): ରବିବାର ସକାଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସପତ୍ନୀକ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ବେଢ଼ା ପରିକ୍ରମା କରିଥିଲେ। ସିଂହଦ୍ୱାରରେ ପ୍ରବେଶ ପୂର୍ବକ ବାଇଶି ପାହାଚ ଦେଇ ଗର୍ଭଗୃହ ମଧ୍ୟକୁ ଯାଇ ସେ ଶ୍ରୀଜୀଉମାନଙ୍କ ଦର୍ଶନ କରିଥିଲେ। ପରେ ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ମଧ୍ୟ ଯାଇଥିଲେ। ଶ୍ରୀମନ୍ଦିରରେ ଭକ୍ତମାନଙ୍କୁ ଅଧିକ ସୁବିଧା ସୁଯୋଗ ଓ ଶ୍ରୀମନ୍ଦିରର ଅଧିକ ସ୍ୱଚ୍ଛତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସକାଳ ୮ଟା ୧୫ ମିନିଟ୍ ସମୟରେ ସେ ଦର୍ଶନ ସାରି ଫେରିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ ବେଳେ ରାଷ୍ଟ୍ରପତି ●ପୃଷ୍ଠା-୦୯



ଓଡ଼ିଶାରୁ ବିଦାୟ ନେଲେ କୋବିନ୍ଦ

ଭୁବନେଶ୍ୱର,(ନ.ବ୍ୟୁ): ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରି ଯାଇଛନ୍ତି। ଏହି ଅବସରରେ ବିମାନବନ୍ଦରରେ ରାଜ୍ୟପାଳ ଏ.ସି.ଜମିର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦାୟ ବେଳେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ସହମତି ହେଲେ ପୁଣି ପେପର ବ୍ୟାଲଟ: ବିଜେପି

ନୂଆଦିଲ୍ଲୀ: ଇଭିଏମରୁ ପୁଣି ବ୍ୟାଲେଟ ପେପର ବ୍ୟବସ୍ଥାକୁ ଫେରିବା ସକାଶେ ରାଜନୈତିକ ଦଳଙ୍କ ମଧ୍ୟରେ ସହମତି ହେଲେ ବିଜେପିର କୌଣସି ଆପତ୍ତି ନାହିଁ ବୋଲି ଦଳର ସାଧାରଣ ସଂପାଦକ ରାମମାଧବ କହିଛନ୍ତି । ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ନିର୍ବାଚନ କମିଶନଙ୍କୁ ପୁଣି ବ୍ୟାଲେଟ ପେପର ଜମାନା ଫେରାଇ ଆଣିବା ସକାଶେ ଅନୁରୋଧ ପତ୍ର ଲେଖିବା ପରେ ରାମମାଧବ କହିଛନ୍ତି ଯେ ଏ ଦିଗରେ ରାଜନୈତିକ ଦଳଙ୍କ ମଧ୍ୟରେ ଆଲୋଚନା ଲାଗି ବିଜେପି ମନ ଖୋଲା ରଖିଛି । ସହମତି ଭିତ୍ତିରେ ବ୍ୟାଲେଟ ପେପର ବ୍ୟବସ୍ଥାରୁ ଇଭିଏମ ବ୍ୟବସ୍ଥା ଲାଗୁ ହୋଇଥିଲା । ଯଦି ବିସ୍ତୃତ ସହମତି ହୁଏ ତାହାହେଲେ ପୁଣି ପୁରୁଣା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିବ ବୋଲି ରାମମାଧବ କହିଛନ୍ତି ।

ପାକିସ୍ତାନୀ ଆକ୍ରମଣରେ ୫ ବେସାମରିକ ବ୍ୟକ୍ତି ମୃତ

ଶ୍ରୀନଗର: ରବିବାର ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲା ବାଲାକୋଟ୍ ସେକ୍ଟରରେ ପାକିସ୍ତାନ ପକ୍ଷୁ ଭୀଷଣ ଗୁଳିଗୋଳା ମାଡ କାରଣରୁ ୫ଜଣ ବେସାମରିକ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଜମ୍ମୁ-କଶ୍ମୀର ପୋଲିସ ଜାରି କରିଥିବା ବିବୃତ୍ତିରେ କୁହାଯାଇଛି ଯେ ରବିବାର ଭୋର ସମୟରୁ ବାଲାକୋଟ ସେକ୍ଟର ସ୍ଥିତ ଭାରତୀୟ ସେନାର ଅଗ୍ରୀମ ଘାଟିଗୁଡ଼ିକ ସହ ବିଭିନ୍ନ ଜନବସତି ଅଂଚଳରେ ପାକିସ୍ତାନ ପକ୍ଷୁ ଗୁଳିଗୋଳା ବର୍ଷା ଆରମ୍ଭ ହୋଇଯାଇଥିଲା । ନିକଟସ୍ଥ ଦେବତା ଧର ଗାଁର ଚୌଧୁରୀ ମହମ୍ମଦ ରମଜାନ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଗୋଳା ପଡ଼ିବାରୁ ତାଙ୍କ ପରିବାରର ୫ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ଆହତ ଅନ୍ୟ ଦୁଇଜଣଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସକାଶେ ଜମ୍ମୁ ନିଆଯାଇଥିବା ବିବୃତ୍ତିରେ ସୂଚନା ଦିଆଯାଇଛି ।

ବିଜେପିକୁ କୌରବଙ୍କ ସହ ତୁଳନା କଲେ ରାହୁଲ
ମୋଦି ଅର୍ଥନୀତିକୁ ମନମୋହନଙ୍କ ସମାଲୋଚନା

ନୂଆଦିଲ୍ଲୀ: କେନ୍ଦ୍ରରେ ଶାସନ କରୁଥିବା ବିଜେପି ଓ ଆରଏସଏସ କ୍ଷମତାଲୋଭୀ କୌରବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ରବିବାର ଅଭିହିତ କରିଛନ୍ତି । କଂଗ୍ରେସର ୮୪ ତମ ମହାଧିବେଶନର ଦ୍ୱିତୀୟ ଦିନରେ ସମବେତ ନେତା ଓ କର୍ମୀଙ୍କ ସମ୍ବୋଧନ କରି ରାହୁଲ କହିଛନ୍ତି ଯେ, ଅନେକ ହଜାର ବର୍ଷ ତଳେ କୁରୁକ୍ଷେତ୍ରର ମହାଭାରତ ଯୁଦ୍ଧରେ କୌରବମାନେ କ୍ଷମତା-ଲୋଭ ଓ ମଦମତ୍ତର ପ୍ରତିନିଧିତ୍ୱ କରୁଥିବା ବେଳେ ପାଣ୍ଡବମାନେ ସତ୍ୟର ପକ୍ଷ ନେଇ ଲଢ଼େଇ କରୁଥିଲେ । ବର୍ତ୍ତମାନର ସ୍ଥିତିରେ କଂଗ୍ରେସ ପାଣ୍ଡବଙ୍କ ଭଳି ସତ୍ୟ ଲାଗି ଲଢ଼େଇ କରୁଛି । ବିଜେପି ନେତୃତ୍ୱ ମିଛୁଆ ଓ କ୍ଷମତା ମଦୁଆଲା ହେଲେ ସାଧାରଣ ଜନତା ସେଥିରେ ବ୍ୟସ୍ତ ନ ହୋଇ ଚଳେଇ ନେଉଛନ୍ତି ଯେହେତୁ ବିଜେପିର ମୌଳିକ ଚରିତ୍ର ହିଁ ତାହା ବୋଲି ସେମାନେ ଜାଣନ୍ତି । କିନ୍ତୁ କଂଗ୍ରେସର ସେହିଭଳି ଆଚରଣ ଦେଶବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବ କାରଣ ସେମାନେ କଂଗ୍ରେସର ନୈତିକତା ମାପକାଠି ଅନ୍ୟଦଳଙ୍କଠାରୁ ବହୁ ଉପରେ ବୋଲି ସେମାନେ ବୁଝିଛନ୍ତି । ଜଣେ ହତ୍ୟା ଅଭିଯୁକ୍ତ ବିଜେପି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇପାରନ୍ତି କିନ୍ତୁ କଂଗ୍ରେସ ଦଳ ଲାଗି ଏହା କଳ୍ପନାତୀତ । ସେ ଏହା ମଧ୍ୟ କହିଥିଲେ ଯେ ବିଜେପି ଗୋଟିଏ ସଂସ୍ଥା (ଆରଏସଏସ)ର ଭାଷା ବୋଲୁଥିବା ବେଳେ କଂଗ୍ରେସ ହେଉଛି ଦେଶର ଭାଷା ଓ ସ୍ୱର । ଏଣୁ କଂଗ୍ରେସକୁ ପରାସ୍ତ କରିବାରୁ କେହି ବୃଥା ଚେଷ୍ଟା କରିପାରିବେ ନାହିଁ । ଏ ଦେଶରେ ଗରିବଙ୍କ ପାଇଁ ରାସ୍ତା ବା ମୁଖିଆ ହୋଇ ରହିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ସେମାନେ ମୋଦି ମାୟାରେ ଛନ୍ଦି ହୋଇ ଅଛେଇବେ, ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଭଳି ସ୍ୱପ୍ନର ଦୁନିଆରେ ବଂଚିବାକୁ ବାଧ୍ୟ । ପ୍ରଧାନମନ୍ତ୍ରୀ ମୋଦି ନିଜକୁ ଈଶ୍ୱରଙ୍କ ଅବତାର ବୋଲି ଭାବୁଛନ୍ତି । ଅପରପକ୍ଷେ ଆଜି ଦେଶରେ 'ମୋଦି' ଙ୍କ ଦେଶର ସର୍ବୋଚ୍ଚ ଶାସକ ଓ ବଡ ସୁବିଧାବାଦୀ ପୁଞ୍ଜିପତି ଗୋଷ୍ଠୀଙ୍କ ମଧ୍ୟରେ ସହଯୋଗର ପ୍ରତୀକ ପାଲଟି ଯାଇଛି ବୋଲି ରାହୁଲ କହିଥିଲେ ।

ଏହି ବୈଠକରେ ଉଦ୍‌ବୋଧନ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଥିଲେ ଯେ ବିଜେପି ଦଳ ବଡ ବଡ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବେଳେ ସେଥିରେ କୌଣସି ଗୋଟିଏ ବି ପୂରଣ କରିବାକୁ ସମର୍ଥ ହୋଇନାହିଁ । ନିର୍ବାଚନ ପ୍ରଚାର ବେଳେ ଦୁଇ ●ପୃଷ୍ଠା-୦୯

'ପରାଜିତର ଭାଷା କହୁଛି କଂଗ୍ରେସ'

ନୂଆଦିଲ୍ଲୀ: କଂଗ୍ରେସ ମହାଧିବେଶନରେ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧି ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ବିଜେପି ସରକାରଙ୍କ ଅବଗୁଣ ସବୁ ଗାଇବା ପରେ ତାହାକୁ ପରାଜିତର ଅର୍ଥହୀନ ଚିତ୍କାର ବୋଲି ବିଜେପି ତରଫ ପ୍ରତିକ୍ରିୟାରେ କହିଛି । ଦଳ ତରଫରୁ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରମଣ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ରାହୁଲଙ୍କ ବୟାନ କେବଳ ଅର୍ଥହୀନ ଓ ସାରହୀନ ଶବ୍ଦସମ୍ଭାର । ଜଣେ ହାରିଯାଇଥିବା ବ୍ୟକ୍ତିର ସ୍ୱର ଓ ଭାଷା ଏହିଭଳି ହୋଇପାରେ । ବୀର ସାଭରକରଙ୍କ ବ୍ରିଟିଶ ଶାସକଙ୍କୁ ଦୟା ଓ କ୍ଷମା ଯାଚନା କରି ଚିଠି ଲେଖିଥିଲେ ବୋଲି ରାହୁଲଙ୍କ ବୟାନକୁ ଉଲ୍ଲେଖ କରି ସୀତାରମଣ କହିଥିଲେ ଯେ ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଦେଶର ସ୍ୱାଧୀନତା ସଂଗ୍ରାମର ସବୁ ଶ୍ରେୟ ଗାନ୍ଧି ପରିବାରର ହିଁ ବୋଲି ଦାବି କରିବା । ବିଜେପି ଅଧ୍ୟକ୍ଷ ଅମିତ ଶାହ ଅଦାଲତ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ବେଳେ ନିଜେ ରାହୁଲ ନ୍ୟାଶନାଲ ହେରାଲ୍ଡ ଜାଲିଆତି ମାମଲାରେ ଜାମିନରେ ଅଛନ୍ତି ବୋଲି ନିର୍ମଳା କହିଥିଲେ ।

ଦୁର୍ଘଟଣାରେ ଏମ୍ସର ୩ ଡାକ୍ତର ମୃତ

ଆଗ୍ରା: ଯମୁନା ଏକ୍ସପ୍ରେସୱେର ମଥୁରା ଜିଲ୍ଲା ଅନ୍ତର୍ଗତ କାଉଟି ଗାଁ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ତିନି ଜଣ ଏମ୍ସ ଡାକ୍ତରଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଆହତ ହୋଇଛନ୍ତି । ପୋଲିସଠାରୁ ମିଳିଥିବା ସୂଚନା ମୁତାବକ ମୃତ ଡାକ୍ତରମାନେ ଦିଲ୍ଲୀ ଏମ୍ସ ଇମର୍ଜେନ୍ସି ମେଡିସିନ ବିଭାଗର । ମୃତାହତମାନେ ଡାକ୍ତର ହର୍ଷଦ ୱାଙ୍ଖେଡେଙ୍କ ଜନ୍ମଦିନ ପାଳନ କରିବା ସକାଶେ ଆଗ୍ରା ଅଭିମୁଖେ ଯାଉଥିଲେ । ଦୁର୍ଘଟଣାଗ୍ରସ୍ତ ଟୟୋଟା ଇନୋଭା ଗାଡ଼ିକୁ ନିଜେ ହର୍ଷଦ ଚଳାଉଥିଲେ । ରାତି ପ୍ରାୟ ସାଢେ ଦୁଇଟା ବେଳେ ଇନୋଭାଟି ଗୋଟିଏ ଟ୍ରକର ପଛପଟୁ ପିଟି ହୋଇ ଲାଖି ଯାଇଥିଲା ଓ ତିନି ଶହ ମିଟର ପର୍ଯ୍ୟନ୍ତ ଘୋଷାଡି ହୋଇ ଯାଇଥିଲା । ପଛପଟୁ ଧକ୍କା ଦେଇଥିଲେ ମଧ୍ୟ କାରଟି ପୁରା ଚେପା ହୋଇଯାଇଥିବା କାରଣରୁ ଗାଡିଟି କେତେ ଦ୍ରୁତ ଗତିରେ ଯାଉଥିଲା ତାହା ଅନୁମେୟ ବୋଲି ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି । ମୃତ ଡାକ୍ତରମାନେ ହେଲେ ହର୍ଷଦଙ୍କ ସମେତ ଡାକ୍ତର ଯଶପ୍ରୀତ ସିଂ ଓ ଡାକ୍ତର ହେମବାଳା । ଅନ୍ୟ ଆହତ ଡାକ୍ତର କାଥେରିନ ହଲମ୍, ମହେଶ କୁମାର, ଜିତେନ୍ଦ୍ର ମୌର୍ଯ୍ୟ ଓ ଅଭିଜିତ ସିଂଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । କାଥେରିନଙ୍କ ମୁଣ୍ଡ ଫାଟିଥିବା ବେଳେ ଅନ୍ୟମାନଙ୍କ ଗୋଡ ଭାଙ୍ଗିଛି ବୋଲି ଜଣାପଡିଛି ।

ଏପ୍ରିଲରେ ଓଡ଼ିଶା ଆସିବେ ଅମିତ

ଭୁବନେଶ୍ୱର,(ନ.ବ୍ୟୁ): ବିଜେପୁର ଉପନିର୍ବାଚନ ପରାଜୟରେ ଭାଙ୍ଗି ପଡ଼ିଥିବା ଓ ହତୋତ୍ସାହିତ ହୋଇ ପଡ଼ିଥିବା ବିଜେପିକୁ ପୁନର୍ଜୀବିତ କରିବା ପାଇଁ, ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିବା ପାଇଁ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହା ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସୁଥିବା ଜଣାଯାଇଛି। ୨୦୧୯ ନିର୍ବାଚନ ପୂର୍ବରୁ ବିଜେପିକୁ ପୁନର୍ବାର ସଜାଡ଼ିବା ଲକ୍ଷ୍ୟରେ ଅମିତ ଏବେ ସାରା ଦେଶ ଗସ୍ତ କରିବେ। କହିବା ବାହୁଲ୍ୟ ଯେ, ତ୍ରିପୁରା ସଫଳତା ପରେ ଅମିତ କହିଥିଲେ ଯେ, ଓଡ଼ିଶା, ପଶ୍ଚିମବଙ୍ଗ ଓ କେରଳରେ ବିଜେପି ସଫଳତା ନପାଇବା ପର୍ଯ୍ୟନ୍ତ ବିଜେପିର ସ୍ୱର୍ଣ୍ଣ ଯୁଗ ଆସିଛି ବୋଲି କୁହାଯାଇପାରିବ ନାହିଁ। ତେଣୁ ଓଡ଼ିଶାକୁ ବିଜେପି କେତେ ଗୁରୁତ୍ୱ ଦେଉଛି ତାହା ସହଜରେ ଅନୁମେୟ। ୨୦୧୯ରେ ବିଜେପି ଗତ ନିର୍ବାଚନରେ ବିଶେଷ ସଫଳତା ପାଇନଥିବା ଓଡ଼ିଶା, ପଶ୍ଚିମବଙ୍ଗ ଓ କେରଳରେ ଅଧିକ ଆସନ ପାଇବାକୁ ଲକ୍ଷ୍ୟ ରଖିଛି। ଏହା ଫଳରେ ଉତ୍ତର ଭାରତର ସମ୍ଭାବ୍ୟ କ୍ଷତିକୁ ଭରଣା କରାଯାଇପାରିବ। ଏଥିପାଇଁ ବିଜେପି ନେତୃବର୍ଗ ଓଡ଼ିଶାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଗତ ଦୁଇ ବର୍ଷ ହେବ ଦଳକୁ ରାଜ୍ୟରେ ସୁଦୃଢ଼ କରିବା ଏବଂ ସଂଗଠନକୁ ପ୍ରସାରିତ କରିବା ପ୍ରୟାସ କରି ଆସୁଛି। ଗତ ପଞ୍ଚାୟତ ନିର୍ବାଚନରେ ଏହାର ସୁଫଳ ମଧ୍ୟ ମିଳିଥିଲା। ତେବେ ବିଜେପୁର ଉପନିର୍ବାଚନ ଫଳାଫଳ ସବୁ ହିସାବ କିତାବକୁ ଓଲଟ ପାଲଟ କରି ଦେଇଛି। ରାଜ୍ୟରେ ବିଜେପିର ଅଗ୍ରଗତି ପଥରେ ସୃଷ୍ଟି ହୋଇଛି ପ୍ରତିବନ୍ଧକ। ଦଳୀୟ କର୍ମୀମାନେ ହୋଇଛନ୍ତି ହତୋତ୍ସାହିତ। ଆଉ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ପ୍ରତି ମଧ୍ୟ ସୃଷ୍ଟି ହୋଇଛି ଆହ୍ୱାନ। ଏହି ପରିପ୍ରେକ୍ଷୀରେ ଅମିତ ଆସନ୍ତା ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ପଶ୍ଚିମ ଓଡ଼ିଶାରେ ଏକ ଯୁବ ସମାବେଶରେ ସେ ଯୋଗ ଦେବେ। ଏହା ବ୍ୟତୀତ ଅନ୍ୟ କେତେକ ସ୍ଥାନରେ ସେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

ବିଜେଡିର ଆଭିମୁଖ୍ୟ ଉପରେ ନଜର
ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭୁବନେଶ୍ୱର,(ନ.ବ୍ୟୁ): ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ଦାବି ନେଇ ସଂସଦରେ ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିଥିବା ଟିଡିପି ଏବଂ ୱାଇଏସଆର କଂଗ୍ରେସ ପକ୍ଷରୁ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ କଂଗ୍ରେସ ଓ ବାମପନ୍ଥୀ ସାଂସଦ୍ଭ ସମର୍ଥନ କରିଥିବାରୁ ଲୋକସଭାରେ ଏହା ଉପରେ ଆଲୋଚନା ହେବା ଏକରକମ ନିଶ୍ଚିତ ହୋଇଯାଇଛି। ନିୟମ ଦୃଷ୍ଟିରୁ ଲୋକସଭାରେ ଅତି କମରେ ୫୦ଜଣ ସଭ୍ୟ ଏହାକୁ ସମର୍ଥନ କଲେ ପ୍ରସ୍ତାବ ଆଲୋଚନା ପାଇଁ ଗ୍ରହୀତ ହେବ। କେବଳ କଂଗ୍ରେସର ଲୋକସଭାରେ ୪୮ଜଣ ସଭ୍ୟ ଅଛନ୍ତି। ଆଉ ଟିଡିପିର ୧୬ଜଣ, ୱାଇଏସଆର କଂଗ୍ରେସର ୯ଜଣ ସଭ୍ୟ ଅଛନ୍ତି। ତେଣୁ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିବାକୁ ବାଧ୍ୟ। ଏହି ପ୍ରସ୍ତାବକୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଡିଏମକେ, ନ୍ୟାସନାଲ କନଫରେନ୍ସ ଭଳି ଦଳମାନେ ସମର୍ଥନ ସୂଚନା ଦେଇଛନ୍ତି। କିନ୍ତୁ ଟିଆରଏସ ଏହାକୁ ଶସ୍ତା ରାଜନୀତି ବୋଲି କହି ବିରୋଧ କରିଛି। ଆନ୍ନାଡିଏମକେ ମଧ୍ୟ ଏହା ସପକ୍ଷରେ ନାହିଁ। ଏନସିପି ଭଳି ୟୁପିଏର ଆଂଶୀଦାର ଦଳମାନେ ଏ ଯାଏଁ ସେମାନଙ୍କର ଅଭିମୁଖ୍ୟ ସ୍ପଷ୍ଟ କରି ନାହାନ୍ତି। ଅନ୍ୟ ପକ୍ଷରେ ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତା ନୀତି ଅବଲମ୍ବନ କରି ଆସୁଥିବା ବିଜେଡିର କ'ଣ ଅଭିମୁଖ୍ୟ ରହିବ ସେଥିନେଇ ଏବେ ଯୋର ଧରିଛି ଜଳ୍ପନା କଳ୍ପନା। ବିଜେଡିର ଅଭିମୁଖ୍ୟ ନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ରାଷ୍ଟ୍ରପତି ଓଡ଼ିଶାରୁ ଫେରିଯିବା ପରେ ନବୀନ ଏ ସମ୍ପର୍କରେ ଚିନ୍ତା କରି ନିଷ୍ପତ୍ତି ନେବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ତେଣୁ ସୋମବାର ଦିନ ନବୀନ ଏ ସମ୍ପର୍କରେ ତାଙ୍କ ଦଳର ସାଂସଦ ମାନଙ୍କୁ ନିଷ୍ପତ୍ତି ଜଣାଇବେ ବୋଲି ଆଶା କରାଯାଉଛି। ଯଦିଓ ଲୋକସଭାରେ ଶାସକ ମେଣ୍ଟର ସଭ୍ୟ ସଂଖ୍ୟା ଦୃଷ୍ଟିରୁ ଅନାସ୍ଥା ପ୍ରସ୍ତାବ ସରକାରଙ୍କ ପାଇଁ ବିପଦ ସୃଷ୍ଟି କରିବାର କୌଣସି ଆଶଙ୍କା ନାହିଁ, କିନ୍ତୁ ୨୦୧୯ ନିର୍ବାଚନ ପୂର୍ବରୁ ବିଜେପି ବିରୋଧରେ ବିରୋଧୀ ଦଳମାନଙ୍କର ମହାମେଣ୍ଟ ଗଠନ ଦିଗରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ବିଜେପି ବିରୋଧୀ ମେଣ୍ଟରେ କିଏ ରହିବ, ନରହିବ ତାହା ଅନାସ୍ଥା ପ୍ରସ୍ତାବ ଆଲୋଚନା ବେଳେ ସ୍ପଷ୍ଟ ହୋଇଯିବ। ତେଣୁ ରାଜନୈତିକ ପଣ୍ଡିତ ମାନେ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି।

ଓଡ଼ିଶାରେ ବିଜେପି ବିରୋଧରେ ଲଢ଼େଇ କରୁଥିବା ବିଜେଡି ସଂସଦରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ସ୍ୱାଭାବିକ। ପୁଣି ଏହା କଂଗ୍ରେସ ଆଗତ କରୁନି, କେବଳ ସମର୍ଥନ କରୁଛି। ତେଣୁ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରି ମଧ୍ୟ ବିଜେଡି କଂଗ୍ରେସଠାରୁ ନିଜର ଦୂରତା ବଜାୟ ରଖିବା ଆଭିମୁଖ୍ୟକୁ କାଏମ ରଖିପାରିବ। ଆଉ ବିଜେପି ବିରୋଧରେ ନିଜର ନୀତି ମଧ୍ୟ ସ୍ପଷ୍ଟ କରିପାରିବ। ଏମିତି ଟିଡିପି ଭଳି ବିଜେଡି ମଧ୍ୟ ବହୁ ବର୍ଷ ହେଲା ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀର ମାନ୍ୟତା ଦାବି କରି ଆସୁଛି। ଏହି ଆଲୋଚନା ସୁଯୋଗର ବିଜେଡି ସଦ୍‌ବ୍ୟବହାର କରିପାରିବ। ଲୋକସଭାରେ ଆଲୋଚନା ବେଳେ ବିଜେଡି ସରକାରଙ୍କୁ ସମର୍ଥନ କରୁ ବା ନକରୁ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଶ୍ରେଣୀର ମାନ୍ୟତା ଦାବିର ଯଥାର୍ଥତାକୁ ପ୍ରତିପାଦନ କରିପାରିବ। କେନ୍ଦ୍ର ସରକାର ମଧ୍ୟ ଏହା ଚାହୁଁଛନ୍ତି। ଆନ୍ଧ୍ରଭଳି ଦେଶର ସବୁ ରାଜ୍ୟ ଏଭଳି ସୁବିଧା ଦାବି କରିବା କେନ୍ଦ୍ର ସରକାରଙ୍କ ପାଇଁ ସହାୟକ ହେବ। ଏହା ଦ୍ୱାରା କେନ୍ଦ୍ର ସରକାର କାହା ଦାବି ଗ୍ରହଣୀୟ ବୋଲି ପ୍ରଶ୍ନ କରିପାରିବେ। ତେବେ ବିଜେଡି ଏହି ପ୍ରସ୍ତାବକୁ ସମର୍ଥନ ନକରିବାର ମଧ୍ୟ ଅନେକ କାରଣ ରହିଛି। ଆଲୋଚନା କାଳରେ ବିଜେଡି କେନ୍ଦ୍ର ବିରୋଧରେ ବର୍ଷିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଯଦି ଏହା ଉପରେ ●ପୃଷ୍ଠା-୦୯

ସାଳନ୍ଦୀ ନଦୀରେ ଟିକିରା-ଶ୍ରୀରାମପୁର ବିଜୁ ସେତୁ ନିର୍ମାଣରେ ବିଳମ୍ବ

ଦୁଇ ବର୍ଷରେ ସରିଛି ଦୁଇଟି ଖମ୍ବ ନିର୍ମାଣ

ଭଦ୍ରକ,(ନ.ବ୍ୟୁ) : ଭଦ୍ରକ ଜିଲାର ଆଗରପଡା ଥାନା ଅନ୍ତର୍ଗତ ଟିକିରାଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦି ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁ ଶୁଭ ଦିଆହେବାକୁ ୨ବର୍ଷ ପୂରିଲାଣି; ତଥାପି ଆଜି ପର୍ଯ୍ୟନ୍ତ ସରିନି ନିର୍ମାଣ। ଏହି ୨ବର୍ଷ ମଧ୍ୟରେ ମାତ୍ର ୨ଟି ଖମ୍ବରେ କାର୍ଯ୍ୟ ଅଟକିଛି। ଉକ୍ତ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଆଗରପଡା ବଜାରକୁ ଆସିବା ପାଇଁ ସାଳନ୍ଦି ନଦୀ ବାଧକ ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ଭଦ୍ରକ ସାଂସଦ ଓ ବିଧାୟକଙ୍କ ସହଯୋଗରେ ବିଜୁସେତୁ ନିର୍ମାଣ ପାଇଁ ୪ କୋଟି ୨୧ଲକ୍ଷ ୯୨ହଜାର ୪୨୦ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହାର ଲମ୍ବ ୬୦.୧୫ ମିଟର ଓ ପ୍ରସ୍ଥ ୮.୩୫ ମିଟର। ବିଜୁ ସେତୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ଉକ୍ତ କାର୍ଯ୍ୟର ଫଳକକୁ ଉନ୍ମୋଚନ କରିଥିଲେ। ୨୦୧୬ ଫେବୃଆରୀ ୪ରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ରେ କାର୍ଯ୍ୟ ଶେଷ ହେବା କଥା। ନିର୍ମାଣ ଅବଧି ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାତ୍ର ୨ଟି ଖମ୍ବ ନିର୍ମାଣ ହୋଇଥିବାରୁ ବିଜୁ ସେତୁ ସଂପୂର୍ଣ୍ଣ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ହେଲେ ଶ୍ରୀରାମପୁର, ଗୋପିନାଥପୁର ଓ ଟିକିରା ଆଦି ଗ୍ରାମର ହଜାର ହଜାର ଲୋକ ଉପକୃତ ହେବେ। ବର୍ଷାଦିନରେ ନଦୀରେ ଭରପୂର ପାଣି ଯୋଗୁଁ ନଦୀ ସଂଲଗ୍ନ ଗ୍ରାମଗୁଡିକର ଛାତ୍ରଛାତ୍ରୀ ବହୁ କଷ୍ଟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଆସୁଥିବା ବେଳେ ବ୍ୟବସାୟୀ ଓ ସାଧାରଣ ଲୋକେ ବହୁ କଷ୍ଟରେ ନଦୀ ପାର ହୋଇ ଆଗରପଡା ବଜାରକୁ ଆସିଥାନ୍ତି। ଧାର୍ଯ୍ୟ ସମୟରେ କାର୍ଯ୍ୟ ସଂପୂର୍ଣ୍ଣ ନ କରି ପକାଇ ରଖିଥିବା ଠିକାଦାରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଗ୍ରାମବାସୀ ଭଦ୍ରକ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଦୁର୍ଗମ ଅଞ୍ଚଳ ପାଇଁ କାଳ ପାଲଟିଛି ବୃତଙ୍ଗ

ଦଶପଲ୍ଲା,(ନ.ବ୍ୟୁ):କୋଟିଏ ପଟେ ସରକାର ବିକାଶର ନାରା ଦେଉଥିବା ବେଳେ ଅନ୍ୟପଟେ ସ୍ୱାଧୀନତାର ୭୧ବର୍ଷ ପରେ ଲୋକଙ୍କ ନିକଟରେ ଅପହଞ୍ଚ ହୋଇ ପଡିଛି ମୌଳିକ ସୁବିଧା ।ବସବାସ କରୁଥିବା ଅଂଚଳକୁ ଗମନାଗମନର ସୁବିଧା ନଥିବାରୁ ଲୋକମାନେ ବିତାଉଛନ୍ତି ଦୟନୀୟ ଜୀବନ ।ସୂଚନା ଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ ସଦର ମହକୁମା ଠାରୁ ୭୦କିମି ଦୂର ଉପାନ୍ତ ଅଂଚଳ କୁଜାମେଣ୍ଡି ପଂଚାୟତ ।ଏହି ପଂଚାୟତର ବଣି,ପଧାନପଡା,ଗୁଣ୍ଡୁରିସାହି ଭଳି ପାହାଡ ଜଙ୍ଗଲ ଘେରା ଗ୍ରାମ ଗୁଡିକୁ ଯିବାକୁ ହେଲେ ଖରସ୍ରୋତା ବୃତଙ୍ଗ ନଦୀ ପାର ହେବାକୁ ପଡେ ।ବର୍ଷା ଦିନ ଆସିଲେ ଜଳପୂର୍ଣ୍ଣ ବୃତଙ୍ଗ ନଦୀରେ ପାର ହୋଇ ଯାତାୟତ କଠିନପାଇଁ ସେହି ଅଂଚଳବାସୀ ଏକପ୍ରକାର ବିଚ୍ଛିନ୍ନାଂଚଳ ପାଲଟିଯାଆନ୍ତି ।କୁଜାମେଣ୍ଡିଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଲୋକମାନେ ଯାଇପାରନ୍ତି ନାହିଁ ।ଏହି ଅଂଚଳର ପିଲାମାନେ ଉଚ୍ଚଶିକ୍ଷା ପାଇଁ ଯାଆସ କରିବାରେ ବାଧା ଉପୁଜିବା ସହିତ ପଂଚାୟତ କାର୍ଯ୍ୟାଳୟକୁ ମଧ୍ୟ ଯୋଗାଯୋଗ ସମସ୍ୟା ସୃଷ୍ଟି ହୁଏ ।ଫଳରେ ବର୍ଷାଦିନେ ଲୋକମାନଙ୍କର ସମସ୍ୟା ଦ୍ୱିଗୁଣିତ ହୋଇପଡେ ।ଲୋକମାନଙ୍କ ଯାତାୟତ ନିମନ୍ତେ ଏହି ବୃତଙ୍ଗ ନଦୀ ଉପରେ ଏକ ପୋଲ ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ଦୀର୍ଘବର୍ଷ ହେବ ତାହା ଅଧାପନ୍ତରିଆ ଭାବେ ପଡିରହିଛି ।ପୋଲ ନିର୍ମାଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ମଂଜୁର ନମିଳିବାରୁ ଏହି ପୋଲଟି ନିର୍ମାଣ ହୋଇପାରି ନାହିଁ ବୋଲି ଅଂଚଳବାସୀ ଅଭିଯୋଗ କରିଛନ୍ତି ।ଏହି ଉପାନ୍ତ ଅଂଚଳବାସୀଙ୍କ ଜୀବନଯାପନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଓ ପ୍ରଶାସନ ଏହି ଅଂଚଳକୁ ଗମନାଗମନର ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

ନୋଡାଲ ଉଚ୍ଚବିଦ୍ୟାଳୟ ପାଚେରି ନିର୍ମାଣରେ ଅନୀୟମିତା ଅଭିଯୋଗ

ନୋଡାଲ ଉଚ୍ଚ ବିଦ୍ୟାଳୟର ଭଗ୍ନପାଚେରି କାନ୍ଥ ପୁନଃ ନିର୍ମାଣରେ ସ୍ଥାନୀୟ ଠିକାଦାରଙ୍କ ସହ ମିଶି ଗ୍ରାମ୍ୟଉନ୍ନୟନ ବିଭାଗ ଅନୀୟମିତତା କରିଥିବା ଅଭିଯୋଗ ହୋଇଛି। ଏହି ନୋଡାଲ ଉଚ୍ଚ ବିଦ୍ୟାଳୟର ପାଚେରିର ବହୁ ଅଂଶ ନିମ୍ନମାନର କାର୍ଯ୍ୟ ଯୋଗୁଁ ଭାଙ୍ଗିପଡିଥିଲା। ମାଟ୍ରିକ ପରୀକ୍ଷା ପୂର୍ବରୁ ପାଚେରି ନିର୍ମାଣର ଆବଶ୍ୟକତା ଥିବା ବେଳେ ଏହି ଭଗ୍ନାଂଶ ପୁନର୍ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଜଣେକ ଠିକାଦାରଙ୍କୁ ବରାଦ ଦିଆଯାଇଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳର ଲୋକଥିବାରୁ ପରୀକ୍ଷା ଅବଶ୍ୟକତାକୁ ଟାଳିଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏଥିପାଇଁ ସମାଲୋଚନା କରାଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟହୋଇ ବାଉଁଶବାଡ଼ ଦେଇ ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷା ପରେ ବିରୋଳେର ସୁଯୋଗ ନେଇ ଠିକାଦାର ବିଦ୍ୟାଳୟର ପରିସରରେ ପଡିଥିବା ପୁରୁଣା ଇଟା ବ୍ୟବହାର କରି ଅତି ନିମ୍ନ ଭାଗ ମାପରେ ଭଗ୍ନ ପାଚେରୀ କାନ୍ଥକୁ ପୁନଃନିର୍ମାଣ କରୁଥିବା ନେଇ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଶଶଧର ଜେନା ଓ କାର୍ତ୍ତିକ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏପରିକି ନୂତନ ଇଟା ଓ ସଠିକ ଭାଗମାପ ବ୍ୟବହାର କରି ଉପଯୁକ୍ତ ଭାବେ କାର୍ଯ୍ୟ କରିବାକୁ ଦାବି କରି କାର୍ଯ୍ୟକୁ ବନ୍ଦ କରିଦେଇଥିବା ଅଭିଯୋଗକାରୀମାନେ କହିଛନ୍ତି। ଯେଉଁ କାରଣରୁ ପାଚେରୀ କାନ୍ଥ ଭାଙ୍ଗିଗଲା ପୁଣି ସେହି ଭଳି କାର୍ଯ୍ୟ କରାଯିବାର ଯଥାର୍ଥତା ନେଇ ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି। ଏପରିକି ରାଜନୀତିକରଣ ହୋଇ କାର୍ଯ୍ୟ କରୁଥିବା କାରଣରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଅଭିଯୋଗକାରୀମାନେ ଭରସା ତୁଟାଇଥିବା ନେଇ ପ୍ରକାଶ କରିଛନ୍ତି। ଗାଁ ଠିକାଦାର ଓ ଗାଁ ଯନ୍ତ୍ରୀଙ୍କ ମାଧ୍ୟମରେ ଗାଁ କାମର ଏଭଳି ଦୁର୍ଦ୍ଦଶାକୁ ଅଭିଯୋଗକାରୀମାନେ କଡ଼ାଭାଷାରେ ନିନ୍ଦା କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ତଥା ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ଚନ୍ଦ କାର୍ଯ୍ୟରେ ଅନୀୟମିତା ହୋଇଥିବା ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ପ୍ରକାଶ କରି ସଂପୃକ୍ତ କାର୍ଯ୍ୟର ବିଲ୍ ବନ୍ଦ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଓଡ଼ିଶାର ଇତିହାସ...

କରାଇଥିଲେ । ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନାର ସୌଭାଗ୍ୟ ମିଳିଲା, ସେ ସେଠାରେ ଦେଶବାସୀଙ୍କ ସୁଖ ସମୃଦ୍ଧି ଓ ମଙ୍ଗଳମୟ ଜୀବନ କାମନା କରି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ । ଅନ୍ୟପକ୍ଷରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ନବକଳେବର ୨୦୧୫ ସ୍ମାରକୀ ଉପଲକ୍ଷେ ନବକଳେବର ସ୍ତମ୍ଭକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ଏହି ସ୍ତମ୍ଭ ପ୍ରଚଳନ ଏକ ଅଭିନବ ଉଦ୍ୟମ । ପୁରୀ ଶ୍ରୀ ଜଗନ୍ନାଥ ଧାମରେ ଲୋକମାନେ ଏବଂ ଛାତ୍ରଛାତ୍ରୀମାନେ ଏକାଧିକ ଭାଷା ଜାଣନ୍ତି, ହିନ୍ଦି ଓ ସଂସ୍କୃତରେ କହିପାରିବେ ଓ ବୁଝି ପାରିବେ ବୋଲି ତାଙ୍କର ହୃଦବୋଧ ହୋଇଛି । ଏହି ତିନୋଟି ଭାଷାରେ ବକ୍ତବ୍ୟ ରଖୁଥିବା ବେଳେ ସିଧାସଳଖ କରତାଳିରୁ ଏହା ସ୍ପଷ୍ଟ ହୋଇଛି । ସଂସ୍କୃତ ଭାଷା ଦେବଭାଷା, ଜ୍ଞାନ ବିଜ୍ଞାନ ସଂସ୍କୃତ ଭାଷା ଯୋଗୁଁ ଆଗକୁ ବଢିଛି । ଅଧିକ ଭାଷା ଜାଣିବା ଓ ଶିଖିବା ବିଦ୍ୱାନର ପରିଚୟ ଦିଏ । ଭାରତରେ ସଂସ୍କୃତ ଭାଷାକୁ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଜୀବନ୍ତ ରଖିଥିବାରୁ ସେ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଥିଲେ। ପୁରୀ ହେଉଛି ବିଦ୍ୟାନଗରୀ, ପୂର୍ବ ଭାରତର କାଶୀ ପରି ଏଠାରେ ବିଦ୍ୱାନ ଅଛନ୍ତି । ସେଥିପାଇଁ ଶଙ୍କରାଚାର୍ଯ୍ୟ, ଆଦି ଶଙ୍କରାଚାର୍ଯ୍ୟ ଚାରିଧାମ ମଧ୍ୟରୁ ପୁରୀ ଧାମକୁ ଶ୍ରେଷ୍ଠ ଧାମ ଭାବେ ବାଛିଥିଲେ । ଏହି ସ୍ଥାନକୁ ନାନକ, ଚୈତନ୍ୟଙ୍କ ଭଳି ବହୁ ମୁନିଋଷି ଆସିଛନ୍ତି । ସମସ୍ତ ଧର୍ମର ଲୋକେ ଏଠାକୁ ଆସୁଥିବାରୁ ଶ୍ରୀକ୍ଷେତ୍ର ପୁରୀ ଏକ ସର୍ବଧର୍ମ ସମନ୍ୱୟର କ୍ଷେତ୍ର ହୋଇଛି । ଭଗବାନ ଜଗନ୍ନାଥ ରତ୍ନ ସିଂହାସନରୁ ଓହ୍ଲାଇ ରଥଯାତ୍ରା ସମୟରେ ବଡ଼ଦାଣ୍ଡକୁ ଭକ୍ତମାନଙ୍କ ନିକଟକୁ ଆସନ୍ତି, ଯାହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରେମ ଆନୁଗତ୍ୟ ସମ୍ପର୍କର ନିଦର୍ଶନ । ସମତା, ଶାନ୍ତି, ବିଶ୍ୱଭାତୃତ୍ୱ ଏବଂ ସ୍ୱଚ୍ଛତାର ପ୍ରତୀକ ପ୍ରଭୁ ଜଗନ୍ନାଥ ରଥ ଉପରେ ଥିବା ବେଳେ ଗଜପତି ମହାରାଜା ନିଜେ ସୁନା ପାଉଁଶରେ ଛେରା କରିଥାନ୍ତି । ସଙ୍ଗୀତ, ନୃତ୍ୟ, ହସ୍ତକଳା ଓ ଚିତ୍ରକଳାର ଉତ୍କର୍ଷତା ଯୋଗୁଁ ଏହାର ନାମ ଉଜ୍ଜ୍ୱଳ ହୋଇଛି । ଏହି ମାଟିରେ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର ଓ ନୀଳକଣ୍ଠଙ୍କ ପରି ବିଦ୍ୱାନ ଜନ୍ମ ନେଇଥିଲେ । ବିପ୍ଳବୀ ଜୟୀ ରାଜଗୁରୁ ଦେଶ ମାତୃକାର ରକ୍ଷା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ପୂର୍ବ ପ୍ରଧାନ ମହାପାତ୍ର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିବା ବେଳେ କେ.ଭି. ସ୍ୱାମୀ କୁଳ ବେଦପାଠ କରିଥିଲେ । ସଂସ୍ଥାନର ପ୍ରାଚାର୍ଯ୍ୟ ଅତୁଲ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟପାଳ ଏସ.ସି. ଜାମିର, ଗଜପତି ମହାରାଜା ଦିବ୍ୟସିଂହଦେବ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ସଂସ୍ଥାର କୁଳପତି ପ୍ରଫେସର ପି.ଏନ. ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅପରାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତର ପ୍ରତିଷ୍ଠିତ ୯ଜଣ ବିଦ୍ୱାନ ସଂସ୍କୃତ ପଣ୍ଡିତଙ୍କୁ ସମ୍ମାନିତ କରାଯାଇଥିଲା ।

ଆଇଆଇଟିର ଛାତ୍ର ମାନେ ନିଜ ପାଇଁ ନୁହେଁ ବରଂ ସମାଜ, ଦେଶ ଓ ବିଶ୍ୱ ପାଇଁ କାମ କରିବା ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ଆଇଆଇଟିର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଦେଇଥିବା ଭାଷଣରେ ଶ୍ରୀ କୋବିନ୍ଦ ଏହା କହିଛନ୍ତି । ସେ କହିଛନ୍ତି ଯେ ଆଇଆଇଟିରେ ପଢୁଥିବା ଯୁବ ଛାତ୍ର ମାନେ ସେମାନଙ୍କର ସାମନାରେ ଥିବା ଆହ୍ୱାନକୁ ସାମନା କରନ୍ତୁ । ଶିକ୍ଷାଦାନ ହେଉ, ଅନୁସନ୍ଧାନ ହେଉ ବା ଭିତିଭୂମି ଉପରେ ପ୍ରଭାବ ନେଇ ହେଉ ଏ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ସେମାନେ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକ୍ନୋଲୋଜି (ଆଇସିଟି) ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସର ଶୁଭ ଉଦଘାଟନ ଓ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ (ଏସଡିଆଇ) ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଏପରି ଇନଷ୍ଟିଚ୍ୟୁଟ ହେବ ଓ ଏହା ଆଗାମୀ ଦଶ ବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖା ଯାଇଥିବା ଜାଣି ସେ ଅତ୍ୟନ୍ତ ଖୁସୀ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଦୁଇଟି ଅନୁଷ୍ଠାନ ଓଡିଆ ଯୁବ ପିଢୀଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଇସିଟି ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସ ଓ ଏସଡିଆଇ କ୍ୟାମ୍ପସ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଉଦ୍ୟମରେ ଓଡିଶାରେ ସ୍ଥାପିତ ହେଉଛି । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ ଆଇସିଟି ମୁମ୍ବାଇର ଓଡିଶା କ୍ୟାମ୍ପସ ଏଠାର ଶିକ୍ଷାର୍ଥୀଙ୍କ ପାଇଁ ବଡ ସୁଯୋଗ ଉପଲବ୍ଧ କରାଇବ । ସମଗ୍ର ବିଶ୍ୱ ଓ ଦେଶରେ ପଲିମରର ଚାହିଦା ଦ୍ରୁତ ବେଗରେ ବଢି ଚାଲିଛି । ଭାରତରେ ତୈଳ ବିଶୋଧନ କ୍ଷମତା ବାର୍ଷିକ ୨୪୭ ମିଲିୟନ ମେଟ୍ରିକ ଟନ ହୋଇଥିବା ବେଳେ ଦେଶରେ ମୋଟ ୧୯୪ ମିଲିୟନ ମେଟ୍ରିକ ଟନ ତୈଳର ଚାହିଦା ରହିଛି । ପେଟ୍ରୋଲିୟମ ଉତ୍ପାଦର ରପ୍ତାନୀ କରୁଥିବା ଭାରତ ପାଖରେ ପ୍ରଚୁର ମାତ୍ରାରେ ପେଟ୍ରୋ କେମିକାଲ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବା ପାଇଁ ବ୍ୟାପକ ମାତ୍ରାରେ ନାପଥା ଉପଲବ୍ଧ ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱରେ ମୁଣ୍ଡ ପିଛା ପଲିମର ଆବଶ୍ୟକତା ୩୨ କେଜି ଥିବା ବେଳେ ଭାରତରେ ୧୦ କେଜି ଓ ଓଡିଶା ଓ ପଶ୍ଚିମ ବଙ୍ଗ ଭଳି ପୂର୍ବ ଭାରତ ରାଜ୍ୟରେ ରାଷ୍ଟ୍ରୀୟ ହାରାହାରି ବ୍ୟବହାର ଠାରୁ ଅଧା ରହିଛି । ପୂର୍ବ ଭାରତରେ ଟେକ୍ସଟାଇଲ ଓ ପଲିମର କ୍ଷେତ୍ରର ବିକାଶରେ ୨୦୩୦ ମସିହା ସୁଦ୍ଧା ୩୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପାରାଦୀପର ତୈଳ ବିଶୋଧନାଗାର, ପେଟ୍ରୋ କେମିକାଲ ପ୍ରକଳ୍ପ ସମୂହ, ପଲି ପ୍ରପାଇଲିନ, ଏମଇଜି ଓ ପିଏକ୍ସ ପିଟିଏ ପ୍ରକଳ୍ପ ଗୁଡିକ ପୂର୍ବ ଭାରତ ବିଶେଷ କରି ଓଡିଶାରେ ପେଟ୍ରୋ କେମିକାଲ ଭାଲ୍ୟୁ ଚେନ୍ ଶିଳ୍ପ ବିକାଶରେ ଉତପ୍ରେରକ ଭୂମିକା ନେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଇସିଟି -ଆଇଓସି କ୍ୟାମ୍ପସରେ ୫ ଶହ କୋଟି ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କ୍ୟାମ୍ପସ ଗଢି ଉଠିବ । ଭାରତୀୟ ତୈଳ ନିଗମ ଶିଳ୍ପ ସହଯୋଗୀ ଭାବରେ ଛାତ୍ର-ଛାତ୍ରୀ ମାନଙ୍କୁ ସହଯୋଗ ଯୋଗାଇ ଦେବା ବେଳେ ଏହି କ୍ୟାମ୍ପସ ବୈଷୟିକ ମେରୁଦଣ୍ଡର କାମ କରିବ । ଏହା ସହ ଅସ୍ଥାୟୀ ଭାବେ ଚାଲୁଥିବା ଏସଡିଆଇ କ୍ୟାମ୍ପସ ୫ ଶହ କୋଟି ଟଙ୍କା ବ୍ୟୟରେ ଜଟଣୀ ତରାବୋଇ ଠାରେ ପ୍ରତିଷ୍ଠିତ ହୋଇ ଯୁବ ପିଢୀଙ୍କୁ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦକ୍ଷତା ବିକାଶ, ନିଯୁକ୍ତି ଓ ଉଦ୍ୟମିତାର କେନ୍ଦ୍ର ଭୂମି ହୋଇ ପାରିବ ।

୨୦୨୦ ମସିହା ସୁଦ୍ଧା ଭାରତର ହାରାହାରି ବୟସ ୨୯ ବର୍ଷ ହେଉଥିବା ବେଳେ ଏହା ପୃଥିବୀର ସବୁଠୁ ଯୁବ ଦେଶର ମାନ୍ୟତା ପାଇବ । ଏହି ଯୁବ ଜନ ସଂଖ୍ୟାର ଲାଭ ଦେଶର ଅର୍ଥନୀତି ଯେପରି ଉଠାଇ ପାରିବ ସେଥି ପାଇଁ ଓଡିଶାରେ ଏହି ଦୁଇଟି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ ଓଡିଶାରେ ଅପାର ସମ୍ଭାବନା ଥିବା ସତ୍ତ୍ୱେ ଡିସେମ୍ବର ୨୦୧୩ରେ ଅନ୍ଧ୍ରର ଠିକାଦାର ଦ୍ୱାରା ଦୁଇ ଓଡିଆ ଯୁବକଙ୍କ ହାତର ପାପୁଲିକୁ କାଟି ଦିଆ ଯାଇଥିଲା । ଓଡିଆ ଯୁବକ ମାନେ ଦୂରଦୂରାନ୍ତକୁ ଯାଇ କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ । ମାତ୍ର ଉପଯୁକ୍ତ ତାଲିମ ଅଭାବରୁ ଭାରତର ଅନ୍ୟାନ୍ୟ ରାଜ୍ୟ ହେଉ ବା ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସମୂହ ଓଡିଆ ମାନଙ୍କୁ କୋଟି ଶ୍ରମିକ ଭଳି ବ୍ୟବହାର କରା ଯାଉଛି । ଅପର ପକ୍ଷରେ ରାଜସ୍ଥାନର ଜଇସଲମେର ଠାରେ ଓଡିଶାର ଗାଁ ସ୍କୁଲରେ ପାଠ ପଢିଥିବା ଏକ ପିଲା ହୋଟେଲ ମ୍ୟାନେଜମେଂଟ ଟ୍ରେନିଂ ନେଇ ରାଜସ୍ଥାନୀ ଖାଦ୍ୟ ପେୟର ଉପାଦାନ ଗୁଡିକ ସମ୍ପର୍କରେ ବିଦେଶୀ ପର୍ଯ୍ୟଟକ ମାନଙ୍କୁ ବହୁତ ସୁନ୍ଦର ଭାବରେ ବୁଝାଉଥିବାର ଦେଖି ସେ ପିଲା ସହିତ କଥା ହୋଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଗତ ବର୍ଷ କାଜାଖିସ୍ତାନ ଗସ୍ତ ସମୟରେ ଓଡିଶାର ଏକ ସାଧାରଣ କଲେଜରୁ ପାସ କରିଥିବା ଏକ ଯୁବକ ଲକ୍ଷ ଲକ୍ଷ ଡଲାର ତୈଳ ସେବାକାରୀ ଭାବେ କାମ କରିବା ଓଡିଆ ଯୁବକର କରିବାର ଇଚ୍ଛା ଶକ୍ତିକୁ ସ୍ପଷ୍ଟ କରୁଛି ବୋଲି ଶ୍ରୀ ପ୍ରଧାନ କହିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାମହିମ ରାଷ୍ଟ୍ରପତି ତାଙ୍କର ଦୁଇ ଦିନିଆ ଗସ୍ତରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ର ଛାତ୍ରୀ ମାନଙ୍କ ସହ ଭାବର ଆଦାନ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଓଡିଆ ଯୁବ ପିଢୀଙ୍କ ପାଇଁ ବିଶେଷ ଭାବେ ସମର୍ପିତ ଥିଲା ବୋଲି କୁହା ଯାଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଛାତ୍ର ଛାତ୍ରୀ ମାନେ ବିଫଳତାରେ ପ୍ରଭାବିତ ହେବା ବଦଳରେ ବିଫଳତା ହିଁ ଆଗୁରି ବୁଦ୍ଧିମତା ସହ ନୂଆ କରି ଆରମ୍ଭ କରିବାର ସୁଯୋଗ ଦିଏ ବୋଲି ହେନରୀ ଫୋର୍ଡଙ୍କ ଏହି ଜୀବନଦାୟୀ ପରାମର୍ଶକୁ ପାଥେୟ କରନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀଜୀଉଙ୍କୁ ଦର୍ଶନ...

ସେବାୟତଙ୍କୁ ପାରଣା(ଦକ୍ଷିଣା) ଦେଇନଥିଲେ । ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିକି ଦୈନିକ ପଞ୍ଚଙ୍କୁ ସେବାର ସୁଯୋଗ ଦିଆଯାଇନଥିବାରୁ ସେବାୟତମାନେ କ୍ଷୋଭ ପ୍ରକାଶ କରିଥିଲେ । ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଶ୍ରୀମନ୍ଦିରରେ ଗଜପତି ମହାରାଜଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ରାଷ୍ଟ୍ରପତିଙ୍କୁ ଜଗନ୍ନାଥ ସ୍ୱରୂପ ପଟ୍ଟଚିତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା ।

ବିଜେପିକୁ...

କୋଟି ନିଯୁକ୍ତି ଦିଆଯିବ ବୋଲି ବାହାଦୁରୀ ମାରିଥିବା ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ୪ ବର୍ଷ ଭିତରେ ଦୁଇ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରି ନାହାନ୍ତି । କେବଳ ସେତିକି ନୁହେଁ ଅର୍ଥନୈତିକ କୁପରିଚାଳନା ଯୋଗୁଁ ଦେଶ ଯେତିକି ଆର୍ଥିକ ପ୍ରଗତି କରିବା କଥା ସେତିକି କରି ପାରି ନାହିଁ । ସେହିପରି ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ବି ସେଠାକାର ପିଡିପି-ବିଜେପି ସରକାର ଭୟଙ୍କର ଭାବେ ଜଟିଳ କରିଦେଇଛନ୍ତି । ସେଠାରେ ଏହି ଦୁଇ ଦଳ ସରକାର ଅଂଶୀଦାର ଥିବା ବେଳେ ବାମ ହାତ କ'ଣ କରୁଛି ତାହା ଡାହାଣ ହାତ ଜାଣୁନି ବୋଲି ମନମୋହନ ସିଂ କହିଥିଲେ ।

ବିଜେଡିର ଆଭିମୁଖ୍ୟ...

ମତବିଭାଜନ ହୁଏ ତେବେ ବିଜେଡି ହୁଏତ ଭୋଟ୍ ଦାନରୁ ବିରତ ରହିପାରେ । କାରଣ ହେଲା ପୋଲାଭରମ୍ ପ୍ରସଙ୍ଗ ନେଇ ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ସମ୍ପର୍କ ତିକ୍ତ ହୋଇଛି । ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବିପୁଳ କ୍ଷତି ହେବ ବୋଲି ଅଭିଯୋଗ କରି ବିଜେଡି ଏହା ବିରୋଧରେ ଆନ୍ଦୋଳନ କରୁଛି । ଏଥିନେଇ ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଛି ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିସ୍ଥିତି । ତେଣୁ ଟିଡିପି ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ କରିନପାରେ । ଏମିତି ବିଜେଡି ନିଜର ଅଣକଂଗ୍ରେସ ଛାପ ଛାଡ଼ିବା ସମ୍ଭବ ନୁହେଁ । ବରଂ ପରିସ୍ଥିତି ପଡ଼ିଲେ ନବୀନ କେନ୍ଦ୍ରରେ ଏନଡିଏ ସରକାରକୁ ସମର୍ଥନ କରିପାରେ ବା ସରକାରରେ ସାମିଲ ହୋଇପାରେ । ଅତୀତରେ ବିଜେଡି ଏନଡିଏର ଅଂଶୀଦାର ବି ଥିଲା । ୨୦୧୯ ନିର୍ବାଚନରେ ଓଡ଼ିଶାରେ ବିଜେଡି-ବିଜେପି ପ୍ରତିଦ୍ୱନ୍ଦ୍ୱିତା ହେବ । କିନ୍ତୁ ନିର୍ବାଚନ ପରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନମିଳିବାର ସମ୍ଭାବନା ଥିବାରୁ ବିଜେଡି ଦୁର୍ବଳ ମନେ ହେଉଥିବା ସମ୍ଭାବ୍ୟ ତୃତୀୟ ମୋର୍ଚ୍ଚା ବଦଳରେ ଏନଡିଏକୁ ସମର୍ଥନ କରିପାରେ । ଏଭଳି ପରିସ୍ଥିତିରେ ନବୀନ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରି ବିଜେପି ସହ ତିକ୍ତତାକୁ ଅଧିକ ବଢ଼ିବାକୁ ଦେବା ପାଇଁ ନଚାହିଁବା ସମ୍ଭାବନା ଅଧିକ ।

ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା:୬୦୦ ଛାଗ ବଳି ଉତ୍ସର୍ଗ

ଧାମନଗର,(ନ.ବ୍ୟୁ): ଧାମନଗର ବ୍ଲକ ଅନ୍ତର୍ଗତ ବଳାଙ୍ଗ ପଞ୍ଚାୟତର ପ୍ରାଚିନ ଶକ୍ତିପୀଠ ରାମେଶ୍ୱରପୁର ଠାରେ ମା ରକ୍ଷାକାଳୀଙ୍କ ବାର୍ଷିକ ପୂଜା ଆଜି ଅନୁଷ୍ଠିତ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ଗେଙ୍ଗୁଟୀ ନଦୀରୁ କଳସ ଅଣାଯାଇ ମାଙ୍କ ପୀଠରେ ଘଟ ସ୍ଥାପନ ପରେ ମା ରକ୍ଷାକାଳୀଙ୍କ ମୃର୍ଣ୍ମୟ ମୂର୍ତ୍ତିକୁ ଯଥା ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ମା ଙ୍କ ନିକଟରେ ଗୋଟିଏ ଛାଗ ବଳି ପଡିବା ପରେ ଭକ୍ତମାନଙ୍କ ମାନସୀକ ନିମନ୍ତେ ୬୦୦ ଛାଗକୁ ଉତ୍ସର୍ଗ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳର ବିରେନ୍ଦ୍ର ବାରିକ ଧନଞ୍ଜୟ ନାୟକ, କୃଷ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ବେହେରା, ଭରତ ବାରିକ, ଭାସ୍କର ମହାପାତ୍ର ସମେତ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଆଜି ସକାଳୁ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ବୁଦ୍ଧିଜିବୀ ପହଞ୍ଚି ମାଙ୍କୁ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବାବାଜୀ ଚରଣ ନାୟକଙ୍କ ମାନସୀକରେ ମାଙ୍କ ବାର୍ଷିକ ପୂଜା କରାଯାଇଥିଲା।

ନିଶା ନିବାରଣ ସଚେତନତା ପାଇଁ ଜନମଞ୍ଚ ବୈଠକ

ପଟ୍ଟାମୁଣ୍ଡାଇ,(ନ.ବ୍ୟୁ): ମଦ, ଗଞ୍ଜେଇ, ଅଫିମ ସମେତ ବିଭିନ୍ନ ମାଦକଦ୍ରବ୍ୟ ପ୍ରସାରକୁ ରୋକିବା ସହିତ ନିଶା ନିବାରଣ ଦିଗରେ ଜନସଚେତନତା ସୃଷ୍ଟି କରିବା ପାଇଁ ଅଗ୍ରଣୀ ସମାଜସେବୀ ସଂଗଠନ ଜନମଞ୍ଚ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ଅଧ୍ୟାପକ ସରୋଜ ନାୟକ, ପୂର୍ବତନ ସରପଞ୍ଚ ବାବାଜି ଧଳ, ଅଭିମନ୍ୟୁ ମଲିକ, ରମେଶ ରଞ୍ଜନ ରାଉତରାୟ, ସର୍ବେଶ୍ୱର ସେଠୀ, ମଳୟ ଓଝା, ବାବାଜି ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ, କନକଲତା ନାୟକ, କୈଳାସ ସ୍ୱାଇଁ, ପୁଷ୍ପଲତା ନାୟକ, ଭାଗ୍ୟଧର ମଲ୍ଲିକ, ବିଷ୍ଣୁ ପ୍ରସାଦ ଦାସ, ରବିନ୍ଦ୍ର ପରିଡା, ଗୋକୁଳ ରାଉତ, ଅଶୋକ ଦାସ, ସରୋଜକାନ୍ତ ବିଶ୍ୱାଳ, ଉମେଶ ସାମଲ, ମଳୟ ତ୍ରିପାଠୀ, ଖରେଶ୍ୱର ବଳ, କୈଳାସ ମଲିକ ପ୍ରମୁଖ ଭାଷଣ ଦେଇ ନିଶା ସେବନ ଦ୍ୱାରା ସାମାଜିକ ବ୍ୟବସ୍ଥା ଧ୍ୱଂସ ହେବା ସହିତ ଅନ୍ୟାୟ, ଅନୀତି, ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଉଛି ଓ ଯୁବସମାଜ ପଥଭ୍ରଷ୍ଟ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଏହା ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହିତ ଜନମତ ସୃଷ୍ଟି କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା।

ଧାମନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଧାମନଗର,(ନ.ବ୍ୟୁ):ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ପ୍ରଥମ କରି ଆରମ୍ଭ ହୋଇଥିବା ଧାମନଗର ମହୋତ୍ସବର ଗତକାଲି ଚତୁର୍ଥ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ବିଭୋର ହୋଇଥିଲେ। ବ୍ରହ୍ମପୁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ସହିତ ଓଲିଉଡ଼ର ଟ୍ରାକ ସିଙ୍ଗର ମାନଙ୍କ ଦ୍ୱାରା ପରିବେଷଣରେ ଉପସ୍ଥିତ ଦର୍ଶକ ବିଭୋର ହୋଇ ପଡିଥିଲେ। ଓଲିଉଡ ଗାୟକ ସଗ୍ରାମଙ୍କ ଛାଡି ତକେ ଡିଙ୍ଗ ତଙ୍ଗ ଗୀତର ତାଳେ ତାଳେ ଦର୍ଶକ ବି ନାଚି ଥିଲେ। ସେହିପରି ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଚିତାକର୍ଷକ ଡ୍ୟାନ୍ସ ବେଶ ଦର୍ଶକଙ୍କ ମନ ମୋହିଥିଲା। ପ୍ରଥମେ ନୃତ୍ୟଶିଳ୍ପୀ ଗୁରୁ ନିତ୍ୟାନନ୍ଦ ଦାସ ଓ ତାଙ୍କ ସାଥୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପ୍ରିୟ ସଖା ଓ ମା ଦୁର୍ଗାଙ୍କ ବନ୍ଦନା ପରିବେଷଣ ସମୟରେ ଦର୍ଶକମାନଙ୍କ ମନରେ ଶିହରଣ ସୃଷ୍ଟି ହୋଇଥିଲା। ପ୍ରଥମେ ଆୟୋଜିତ ସଭାରେ ମହୋତ୍ସବ କମିଟି ସଭାପତି ତଥା ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଖଣି ଓ ଇସ୍ପାତ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ସୌମ୍ୟରଂଜନ ପଟ୍ଟନାୟକ, ବରେଣ୍ୟ ଅତିଥି ଜାଜ୍ଜ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ମାଧ୍ୟମରେ ଭାଇଚାରାକୁ ସୁଦୃଢ ଓ ଅତୁଟ ରହିବା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ଯୋଡିହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ଆବାହକ ନରହରି ବେହେରା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଚାର୍ଲସ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଧାମନଗର ଅଞ୍ଚଳର ବିଭିନ୍ନ ପ୍ରତିଭାଧାରୀ ଯଥା ଶିକ୍ଷାବିତ ପ୍ରଣବ କୁମାର ସାହୁ, ନରେନ୍ଦ୍ର କୁମାର ମହାନ୍ତି, ରାମଚନ୍ଦ୍ର ପଣ୍ଡା, ରବିନ୍ଦ୍ର ବେହୁରିଆ, ଆଇନଜିବୀ ନିରାକାର ଜେନା, ଅମରେନ୍ଦ୍ର ନାୟକ, ଅହଲ୍ୟା ନାୟକ, କୃତୀ ଛାତ୍ର, ନୃତ୍ୟଶିଳ୍ପୀ ନିତ୍ୟାନନ୍ଦ ଦାସ, ଆକାଂକ୍ଷା ପାତ୍ର, ଗିରିଶ ମିଶ୍ର ପ୍ରମୁଖଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଥମେ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅର୍ଜୁନ ଚରଣ ପଣ୍ଡା ଓ ହେମେନ୍ଦ୍ରନାଥ ମହାନ୍ତିଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ହୋଇଥିଲା। ଏଥିରେ କବି ଓ କଥାକାର ମନୋଜ କୁମାର ଜେନା, ନିରାକାର ରାଉତ, ମନୋଜ କୁମାର ସିଂହ, ରାଜରାଣୀ ରାଉତ, ଶାନ୍ତିଲତା ରାଉତ, ଶ୍ରୀଚରଣ ମଲ୍ଲିକ, ଶଶଧର ଜେନା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟ କେଳେଙ୍କାରୀ

ଢେଙ୍କାନାଳ,(ନ.ବ୍ୟୁ) : ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟରେ ଜନୈକ ଅକ୍ଷୟ କୁମାର ନାଥ ନାମକ ବ୍ୟକ୍ତି ଠକେଇ କରି ଅଧ୍ୟାପକ ପଦ ମାଡି ବସିଥିବା ଅଭିଯୋଗ ହୋଇଥିଲେ ହେଁ ଜିଲ୍ଲା ପ୍ରଶାସନ, ରାଜ୍ୟ ଉଚ୍ଚଶିକ୍ଷା ବିଭାଗଙ୍କ ସ୍ଥାଣୁତା କାରଣରୁ ଉକ୍ତ ଶିକ୍ଷାନୁଷ୍ଠାନ ଏବେ ବନ୍ଦ ହେବାକୁ ବସିଲାଣି। ଖବରନେବାରୁ ଜଣାଯାଏ ଯେ,ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ ୧୯୨୫୭/ ୨୪.୫.୨୦୧୬ ତାରିଖରେ ଅତିରିକ୍ତ ଜିଲ୍ଲାପାଳକୁ ଯୁକ୍ତ-୨ ସାନ୍ଧ୍ୟ କଲେଜର ବରିଷ୍ଠ ଅଧ୍ୟାପକଙ୍କ ନାମ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଅତିରିକ୍ତ ଜିଲ୍ଲାପାଳ ପରବର୍ତ୍ତୀ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ମାନବ ଗୋବିନ୍ଦ ଗୋଛି ନାମ ଅନୁମୋଦନ ପାଇଁ ପଠାଇଥିଲା। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ ୩୧୯୨୨/୮.୯.୨୦୧୬ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ମାନବ ଗୋବିନ୍ଦ ଗୋଛିଙ୍କ ନାମ ଅନୁମୋଦନ କରି ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦେଇଥିଲା। କିନ୍ତୁ ବର୍ତ୍ତମାନ ଶ୍ରୀ ନାଥ ଅଧ୍ୟକ୍ଷ ପଦବୀରେ ରହି ବ୍ୟାଙ୍କ ଦେଣନେଣରେ ସମ୍ପୃକ୍ତ ଥିବା ସହ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମାକୁ ଅବମାନନା କରି ବସିଥିରେ ରହିଛନ୍ତି ।ଅକ୍ଷୟ କୁମାର ନାଥ ମିଥ୍ୟା କାଗଜପତ୍ର ତତ୍କାଳୀନ ପରିଚାଳନା ପରିଷଦକୁ ଦେଇ ଠକେଇ କରି ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ଶ୍ରୀ ନାଥ ଅନୁଗୁଳ ଜିଲ୍ଲାର କୁଲେଇପିଣ୍ଡା ଆଂଚଳିକ କୁଲିପର ମହାବିଦ୍ୟାଳୟରେ ୧୯୯୩ମସିହା ଠାରୁ ୨୦୦୯ମସିହା ପର୍ଯ୍ୟନ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବାବେଳେ ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟରେ ଭୁଲ୍ ତଥ୍ୟ ଦେଇ ୧୯୯୭ମସିହା ଠାରୁ କାର୍ଯ୍ୟରତ ଅଛନ୍ତି ବୋଲି ଦର୍ଶାଇଛନ୍ତି। ଏହି ଖବର ଜାଣିବା ପରେ ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟ ପକ୍ଷରୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇ ଦିଆଯାଇଥିଲା। ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ତରଫରୁ ତଦନ୍ତ ମଧ୍ୟ ଆରମ୍ଭ ହୋଇଥିଲା। ଉକ୍ତ ତଦନ୍ତର ପ୍ରାଥମିକ ତଥ୍ୟ ଆଧାରରେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଶ୍ରୀ ନାୟକଙ୍କୁ ପରିବର୍ତ୍ତନ କରି ମାନଗୋବିନ୍ଦ ଗୋଛିଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବାପାଇଁ ଉଚ୍ଚଶିକ୍ଷା ବିଭାଗକୁ ପତ୍ର ଦେଇଥିଲେ। ପତ୍ର ପାଇବା ପରେ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ନାୟକଙ୍କ ବଦଳରେ ଅନ୍ୟଜଣେ ବରିଷ୍ଠ ଅଧ୍ୟାପକ ଶ୍ରୀ ଗୋଛିଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବାପାଇଁ ପତ୍ରମାଧ୍ୟମରେ ଜଣାଇଥିଲେ। ୨୦୧୬ ମସିହା ଠାରୁ ଉଚ୍ଚଶିକ୍ଷା ବିଭାଗର ପତ୍ର ଆସିଥିଲେ ମଧ୍ୟ ଠକେଇ କରି ଅକ୍ଷୟ ନାଥ ଅଧ୍ୟକ୍ଷ ଦାୟିତ୍ୱକୁ ହାତଛଡ଼ା ନକରି ସେହି ଦାୟିତ୍ୱରେ ଅବ୍ୟାହତ ରହିଛନ୍ତି। ଏନେଇ ମହାବିଦ୍ୟାଳୟର ପୂର୍ବତନ ସଂପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ବିକ୍ରମ କେଶରୀ ପାଣି ଗତ ୧୯।୨।୨୦୧୮ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଶ୍ରୀ ନାଥଙ୍କ ଠକେଇ ସଂପର୍କରେ ଅଭିଯୋଗ କରିବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗକୁ ମଧ୍ୟ ଅବଗତ କରାଇଥିବା ଖବର ମିଳିଛି।ଢେଙ୍କାନାଳର ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ଉଦ୍ୟମ ଫଳରେ +୨ ଓ +୩ ସାନ୍ଧ୍ୟ ମହାବିଦ୍ୟାଳୟ ୧୯୯୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଢେଙ୍କାନାଳବାସୀଙ୍କର ଏହି ମହାବିଦ୍ୟାଳୟ ସହ ଏକ ଭାବାବେଗ ସଂପର୍କ ରହିଛି। +୨ ସାନ୍ଧ୍ୟ ମହାବିଦ୍ୟାଳୟରେ ଠକେଇ କରି ନିଯୁକ୍ତି ପାଇବା ପରେ ଅକ୍ଷୟ କୁମାର ନାଥ ଅଧ୍ୟକ୍ଷ ପଦ ମାଡିବସି 'ମୋରି ଗାଁ ଶାସନ' ଚଳାଉଛନ୍ତି। ତେଣୁ ଏ ସଂପର୍କରେ ଖୋଳତାଡ଼ କଲେ ନେଲ ଅନୁଗୁଳ ଜିଲ୍ଲାର କୁଲାଡ ଠାରେ ଯେଉଁ ସମୟରେ ଅଧ୍ୟକ୍ଷ ଭାବେ ଅକ୍ଷୟ କାର୍ଯ୍ୟରତ ଥିଲେ ଠିକ୍ ସେହି ସମୟରେ ଢେଙ୍କାନାଳ +୨ ସାନ୍ଧ୍ୟ ମହାବିଦ୍ୟାଳୟରେ କିଭଳି ଅଧ୍ୟାପନା କରୁଥିଲେ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଭିଯୋଗରୁ ସ୍ପଷ୍ଟ ହେଉଛି ଯେ, ଅକ୍ଷୟ କୁମାର ନାଥ ସରକାରୀ ଚାକିରୀରୁ ତୁରନ୍ତ ବହିଷ୍କୃତ ହେବାକଥା ଏବଂ ତାଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହେବା ଆବଶ୍ୟକ। ମାତ୍ର ଏଭଳି ଜଣେ ବ୍ୟକ୍ତି କିଭଳି ଭାବେ ଅଦ୍ୟାବଧି ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି, ତାହା ସହରରେ ଏବେ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି। ଆଗାମୀ ଦିନରେ ଜିଲ୍ଲାପ୍ରଶାସନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନନିଏ ତେବେ ଖୁବଶୀଘ୍ର ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ବିଭାଗ ତଥା ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରି ତଦନ୍ତ ପାଇଁ ଦାବି କରିବେ ବୋଲି ଜଣାପଡିଛି।